

ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଓଡ଼ିଆ ସହିଦ୍ ହେଉଛନ୍ତି ଜୟୀ ରାଜଗୁରୁ। ତାଙ୍କ ଶ୍ରାଦ୍ଧ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛି। ସେ ନିଜ ଜୀବନକୁ ମାତୃଭୂମିର ସୁରକ୍ଷା ପାଇଁ ଉତ୍ସର୍ଗୀକୃତ କରିଛନ୍ତି।
-ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ @Naveen_Odisha

ତ୍ରିମତ | ତୃତୀୟ ଲିଙ୍ଗର ପ୍ରତିନିଧିତ୍ୱ

# କିନ୍ନରଙ୍କ ପାଇଁ ଆସନ ସଂରକ୍ଷଣ କେତେ ଯୁକ୍ତିଯୁକ୍ତ

**ଓଡ଼ିଶା ତୃତୀୟ ଲିଙ୍ଗ ସୁରକ୍ଷା ଟ୍ରଷ୍ଟ ପକ୍ଷରୁ ହୋଇଥିବା ଏକ ଆବେଦନକୁ ନିର୍ବାଚନ କମିଶନ୍ ପ୍ରତ୍ୟାଖ୍ୟାନ କରିଛନ୍ତି । ସମ୍ବିଧାନର ଧାରା ୩୩୦ ଓ ୩୩୨ ଅନୁସାରେ ତୃତୀୟ ଲିଙ୍ଗଙ୍କ ପାଇଁ ନିର୍ବାଚନରେ ସ୍ଥାନ ସଂରକ୍ଷଣ କରିବାର କୌଣସି ବିଧି ବ୍ୟବସ୍ଥା ନାହିଁ । ସେହିପରି ୨୦୦୨ ମସିହାରେ ପାରିତ ହୋଇଥିବା ସୀମା ପୁନଃ ନିର୍ଦ୍ଧାରଣ ଆଇନରେ ମଧ୍ୟ ଏନେଇ କୌଣସି ବ୍ୟବସ୍ଥା ନାହିଁ । ଏଣୁ ତୃତୀୟ ଲିଙ୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା ସମ୍ଭବ ନୁହେଁ ବୋଲି କମିଶନ ରୋକ୍‌ଠୋକ୍ ଶୁଣାଇଛନ୍ତି । ତେବେ କମିଶନ ୨୦୧୪ ମସିହାର ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ଆଲୋଚନାର ପରିସରଭୁକ୍ତ କରିନାହାନ୍ତି ବୋଲି ଅଭିଯୋଗ ହୋଇଛି । ଅପରପକ୍ଷେ ଏହି ସମ୍ପ୍ରଦାୟ ଅନୁସୂଚିତ ଜାତି, ଜନଜାତି ତଥା ମହିଳାଙ୍କଠାରୁ ଯଥେଷ୍ଟ ପଛରେ ଏବଂ ବିନା କୌଣସି ସଂରକ୍ଷଣ ବ୍ୟବସ୍ଥାରେ ସେମାନେ ଆଗକୁ ବଢ଼ିପାରିବେ ନାହିଁ ବୋଲି ସ୍ପଷ୍ଟ କହିଛନ୍ତି । ଏଣୁ ଏଥିପାଇଁ ସରକାର ଆଇନରେ ସଂଶୋଧନ କରିବା ଉଚିତ ।**



## ତଳ ସ୍ତରରୁ ଆରମ୍ଭ ହେଉ

**ବିଶ୍ୱପ୍ରିୟ କାନୁନଗୋ**
ଆଇନଜୀବୀ ଓ ମାନବାଧିକାର କର୍ମୀ

ସୁପ୍ରିମ୍‌କୋର୍ଟ ନିକଟରେ ଯେଉଁ ଗୋଷ୍ଠୀଙ୍କୁ ତୃତୀୟ ଲିଙ୍ଗ ବୋଲି ଚିହ୍ନଟ କରିଛନ୍ତି, ସେମାନେ କେବଳ ସାମାଜିକ ବିଧି ବ୍ୟବସ୍ଥାରେ ପଛୁଆ ହୋଇ ନାହାନ୍ତି ବରଂ ଲିଙ୍ଗଗତ ଭେଦଭାବର ଶିକାର ହେଉଛନ୍ତି। ଏଣୁ ସେମାନଙ୍କ ରାଜନୀତିକ ଅଭ୍ୟୁତ୍‌ଥାନ ପାଇଁ ବ୍ୟବସ୍ଥାପିକାରେ ସ୍ଥାନ ସଂରକ୍ଷଣ କରାଯିବା ଆବଶ୍ୟକ। ସେମାନଙ୍କ ସମ୍ପ୍ରଦାୟର ପ୍ରତିନିଧିତ୍ୱ ନରହିଲେ ତାଙ୍କର ଅଧିକାର ସାବ୍ୟସ୍ତ ତଥା ମଙ୍ଗଳ ସାଧନ ପାଇଁ ଉପଯୁକ୍ତ ଆଇନ କେମିତି ସମ୍ଭବ ହେବ ? ଏଣୁ ଏହି ସମ୍ପ୍ରଦାୟ ଯେଉଁ ଦାବି ଉପସ୍ଥାପନ କରୁଛନ୍ତି ତାହା ଯଥାର୍ଥ। ଅପରପକ୍ଷେ ଏହି ଉଦ୍ୟମ ପଞ୍ଚାୟତ, ସହରାଞ୍ଚଳ ପରିଷଦର ଆରମ୍ଭ ହେଉ।

ଯେମିତି ଦଳିତ, ଆଦିବାସୀମାନେ ସାମାଜିକ ସ୍ତରରେ ପଛୁଆ ବୋଲି ସେମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି ଠିକ୍ ସେମିତି ତୃତୀୟ ଲିଙ୍ଗୀ ବ୍ୟକ୍ତିମାନେ ମଧ୍ୟ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ବ୍ୟବସ୍ଥାରେ ଯଥେଷ୍ଟ ପଛରେ ପଡ଼ି ରହିଛନ୍ତି। ବ୍ରିଟିଶ୍ ଶାସନ ସମୟରେ ସେମାନଙ୍କୁ ଅପରାଧିକ ସମ୍ପ୍ରଦାୟ ଭାବେ ବିବେଚନା କରାଯାଉଥିଲା। ୨୦୧୪ରେ ସୁପ୍ରିମ୍‌କୋର୍ଟ ଏହାକୁ ବିବେଚନା କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ତାଙ୍କୁ ତୃତୀୟ ଲିଙ୍ଗୀଙ୍କ ମାନ୍ୟତା ଦେଲେ। ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ଯେମିତି ଅଲଗା ଅଲଗା ଲିଙ୍ଗ ଠିକ୍ ସେମିତି କିନ୍ନରମାନେ ମଧ୍ୟ ଏକ ସ୍ୱତନ୍ତ୍ର ଲିଙ୍ଗ। ଏମାନେ ମହିଳାଙ୍କଠାରୁ ବି ସାମାଜିକ, ଆର୍ଥିବ ଓ ଶିକ୍ଷାଗତ ବିଚାରରେ ପଛରେ ପଡ଼ିଛନ୍ତି। ଯେତେବେଳେ ଆମେ ମହିଳାଙ୍କ ଲାଗି ସ୍ଥାନୀୟ ଶାସନରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛୁ ଏବଂ ସଂସଦ ଓ ବିଧାନସଭାରେ ସେମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ ପାଇଁ କହୁଛୁ ତେବେ ଏହି ସମ୍ପ୍ରଦାୟକୁ ଭୁଲିବା କେମିତି ? ଏ ବାବଦରେ ସରକାର ତୁରନ୍ତ ପଦକ୍ଷେପ ନେବା ଦରକାର। କିନ୍ତୁ ସରକାର ତାହା କରିବେ ନା ପୁଣିଥରେ ସୁପ୍ରିମ୍‌କୋର୍ଟଙ୍କୁ ଏ ବାବଦରେ ହସ୍ତକ୍ଷେପ କରିବାକୁ ପଡ଼ିବ ତାହା କହିବା ମୁସ୍କିଲ୍। ଏହା ଏବେ ସେ ପରିସ୍ଥିତିକୁ ଆସି ନାହିଁ। ଆଶା କରାଯାଇପାରେ ସରକାର ଖୁବ୍‌ଶୀଘ୍ର ଏନେଇ ପ୍ରତିକ୍ରିୟାଶୀଳ ହେବେ।



## ନିର୍ବାଚନ ଆୟୋଗଙ୍କ ଖରାପ ନିଷ୍ପତ୍ତି

**ମୀରା ପରିଡ଼ା**
ସଭାପତି, ନିଖିଳ ଓଡ଼ିଶା କିନ୍ନର ସଂଘ

ଆମ ସାମ୍ବିଧାନିକ ବ୍ୟବସ୍ଥାରେ ଯେଉଁମାନେ ଅବହେଳିତ ସମ୍ପ୍ରଦାୟ ସେମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଓ ସଂରକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଇ ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାର ବିଧି ରହିଛି। ସୁପ୍ରିମ୍‌କୋର୍ଟ ଆମକୁ ସମାଜର ଏକ ଅବହେଳିତ, ନିଷ୍ପେଷିତ ସମ୍ପ୍ରଦାୟ ଭାବେ ସ୍ୱୀକାର କରି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେଇ ଆଧାରରେ ଆମକୁ ତୃତୀୟ ଲିଙ୍ଗ ଭାବେ ସ୍ୱୀକାର କରାଯାଇ ସ୍ୱତନ୍ତ୍ର ଭୋଟର ପରିଚୟପତ୍ର, ଆଧାରକାର୍ଡ, ରାସନ୍‌କାର୍ଡ, ପାସ୍‌ପୋର୍ଟରେ ମଧ୍ୟ ବ୍ୟବସ୍ଥା କରାଯାଇଛି। ଅର୍ଥାତ୍ ଆମର ବି ମାନବାଧିକାର ରହିଛି ଏବଂ ଆମେ ଏ ଦେଶର ନାଗରିକ ତାହା ସ୍ୱୀକୃତ। ଆମେ ଯଦି ଭୋଟ୍ ଦେବୁ କିନ୍ତୁ ଆମେ ପ୍ରାର୍ଥୀ ହେବା ପାଇଁ ବ୍ୟବସ୍ଥା ନଥିବ ତେବେ ତାହାର ମୂଲ୍ୟ କ'ଣ ? ସେଥିଲାଗି ଆମେ ନିର୍ବାଚନରେ ସ୍ଥାନ ସଂରକ୍ଷଣ ପାଇଁ ଦାବି ଜଣାଉଛୁ। ନିର୍ବାଚନ ଆୟୋଗ ଏହାକୁ ମନା କରିଦେବା ପରିତାପର ବିଷୟ।

ନିର୍ବାଚନ କମିଶନ ସମ୍ବିଧାନର ଧାରା ୩୩୦, ୩୩୨ ଏବଂ ସୀମା ପୁନଃ ନିର୍ଦ୍ଧାରଣ ଆଇନ ୨୦୦୨ ଅନୁସାରେ ଏପରି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ସୁପ୍ରିମ୍‌କୋର୍ଟ ୨୦୧୪ ଏପ୍ରିଲ୍ ୧୫ରେ ଆମ ପାଇଁ ସ୍ଥାନ ସଂରକ୍ଷଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ମତାମତ ରଖିବା ପୂର୍ବରୁ ସେ ଏହି ରାୟକୁ ମଧ୍ୟ ବିଚାର କରିବା ଆବଶ୍ୟକ ଥିଲା। କେନ୍ଦ୍ର ସରକାର ଏ ଦିଗରେ ପଦକ୍ଷେପ ନେଇ ସ୍ୱତନ୍ତ୍ର ବିଧେୟକ ଆସନ୍ତା ଅଧିବେଶନରେ ଆଣିବାକୁ ଯାଉଛନ୍ତି। ନିକଟରେ ଏହାକୁ ନେଇ ଏକ ପରାମର୍ଶ ବୈଠକ ସାମାଜିକ ଅଧିକାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଯେଉଁଥିରେ ସାରା ଦେଶରୁ ୨୫ ଜଣ ତୃତୀୟ ଲିଙ୍ଗ ସମ୍ପ୍ରଦାୟ ନେତା ଯୋଗ ଦେଇଥିଲେ। ଅନେକ ବିବାଦ ଓ ଚର୍ଚ୍ଚା ପରେ ସବୁ କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ପାଇଁ ସମସ୍ତେ ରାଜି ହୋଇଛନ୍ତି। ଏଥିରେ ନିର୍ବାଚନ ସମୟରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ରହିଛି। ଏଣୁ କମିଶନ ଏହାକୁ ଅପେକ୍ଷା କରିବା ଉଚିତ ଥିଲା। ଆମେ ଆଶା କରୁଛୁ ତୃତୀୟ ଲିଙ୍ଗ ଅଧିକାର ବିଧେୟକ ୨୦୧୬ ଖୁବ୍‌ଶୀଘ୍ର ଉପସ୍ଥାପିତ ହେବ।



## ସମ୍ବିଧାନରେ ସଂଶୋଧନ ଆବଶ୍ୟକ

**ବିଶ୍ୱରଞ୍ଜନ**
ରାଜନୀତି ବିଜ୍ଞାନ ବିଶାରଦ

୧୯୫୦ ମସିହାରେ ପ୍ରଣୀତ ସମ୍ବିଧାନରେ ଅନେକ ଜିନିଷ ନଥିଲା ଯାହାଙ୍କୁ ଆମେ ଏବେ ନୀତି ଭାବେ ଗ୍ରହଣ କରିଛୁ। ଅର୍ଥାତ୍ ଅନେକଥର ସମ୍ବିଧାନ ସଂଶୋଧନ ହୋଇଛି। ଏଣୁ ତୃତୀୟ ଲିଙ୍ଗଙ୍କ ଅଧିକାର ପାଇଁ ସମ୍ବିଧାନ ସଂଶୋଧନ ଏକ ବଡ଼ ବିଷୟ ନୁହେଁ। ଏହାଛଡ଼ା ସେମାନଙ୍କୁ ନାଗରିକର ଅଧିକାର ଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, ଏଣୁ ସରକାର ଚାହିଁଲେ ଏନେଇ ସମ୍ପୃକ୍ତ ବିଲ୍ ସଂସଦରେ ପାରିତ କରାଇପାରିବେ।

ଯେଉଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାରେ ଆମେ ଏବେ ପରିଚାଳିତ ହେଉଛୁ ତାହାକୁ ସମ୍ବିଧାନ ପ୍ରଣୟନର ପ୍ରଥମ ୧୦ ବର୍ଷ ଲାଗି ପାଳନ କରିବାକୁ ସମ୍ବିଧାନ ପ୍ରଣେତାମାନେ ଚିନ୍ତା କରିଥିଲେ। ଏହାଦ୍ୱାରା ପଛୁଆବର୍ଗର ଲୋକେ ମୂଳ ସ୍ରୋତକୁ ଆସିପାରିବେ ବୋଲି ବିଚାର ହୋଇଥିଲା। କିନ୍ତୁ ୬୮ ବର୍ଷରେ ତାହା ଏକ ସ୍ଥାୟୀ ବ୍ୟବସ୍ଥାରେ ପରିଣତ ହୋଇଛି। ବିଭିନ୍ନ କ୍ଷେତ୍ରର ଲୋକେ ଏଥିପାଇଁ ମଧ୍ୟ ସଂଗଠନ ମାଧ୍ୟମରେ ସଂରକ୍ଷଣ ବ୍ୟବସ୍ଥାରେ ସାମିଲ୍ ହେବାକୁ ଦାବି କରୁଛନ୍ତି। ଅପରପକ୍ଷେ ନିର୍ବାଚନରେ ପ୍ରାର୍ଥୀ ହେବା ଲାଗି ଥିବା ସଂରକ୍ଷଣ ବ୍ୟବସ୍ଥା ଏବେ କେବଳ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ। ମହିଳାମାନଙ୍କ ଲାଗି ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ମଧ୍ୟ ଦାବି କରାଯାଉଛି। କିନ୍ତୁ ଏ ବାବଦରେ ନିର୍ବାଚନ କମିଶନ କିଛି କରିପାରିବେ ନାହିଁ। ଯାହା କରିବା କଥା ସଂସଦ କରିବ। ସମ୍ବିଧାନ ସଂଶୋଧନ କରିବା ଦାୟିତ୍ୱ ସାଂସଦଙ୍କର। ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି ତାହାକୁ କମିଶନ କେବଳ କାର୍ଯ୍ୟକାରୀ କରିବେ। ଏଣୁ ନିର୍ବାଚନ କମିଶନଙ୍କ ଉକ୍ତି ମଧ୍ୟ ଭୁଲ୍ ନୁହେଁ। ଏବେ ତୃତୀୟ ଲିଙ୍ଗୀମାନେ ଅନେକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରଦାନ କରୁଛନ୍ତି। ଅନେକ ପ୍ରଶାସନିକ ଅଧିକାରୀ ଭାବେ ମଧ୍ୟ ପ୍ରତିଷ୍ଠିତ। ସର୍ବଭାରତୀୟ ସ୍ତରରେ ସେମାନଙ୍କ ରାଜନୀତିକ ସଶକ୍ତୀକରଣ ନେଇ ମଧ୍ୟ ଅନେକ ଆନ୍ଦୋଳନ ହେଉଛି। ଏଣୁ ସ୍ଥିତିକୁ ଆଖିରେ ରଖି କେନ୍ଦ୍ର ସରକାର ଏ ବାବଦରେ ତୁରନ୍ତ ପଦକ୍ଷେପ ନେବା ଉଚିତ। ଏ ବାବଦରେ ଜାତୀୟସ୍ତରରେ ଅଧିକ ସଚେତନତା ଆବଶ୍ୟକ।

**ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ ।**

**ଉପସ୍ଥାପନା: ହରିହର ପଣ୍ଡା**

## ଟ୍ୱିଟ୍ @nitidintoday



ନରେନ୍ଦ୍ର ଭାଇଙ୍କ ଭଳି ମୁଁ ଜଣେ ମଣିଷ। ଆମେ ସମସ୍ତେ ଅଜବ ପ୍ରକାରର ଭୁଲ କରୁ ଏବଂ ଏହା ଜୀବନକୁ ରୋଚକ ବନେଇ ଦିଏ। ଏହାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାରୁ ବିଜେପି ନେତାଙ୍କୁ ଧନ୍ୟବାଦ। ଏହା ମତେ ଆଗକୁ ବଢ଼ିବାରେ ସହାୟକ ହେବ।
**-ରାହୁଲ ଗାନ୍ଧି, କଂଗ୍ରେସ ଉପସଭାପତି** @OfficeOfRG



କେବଳ କ୍ରିକେଟ୍ ଜେଣ୍ଟଲ୍‌ମ୍ୟାନ୍‌ଙ୍କ ଖେଳ ନୁହେଁ। ରାଜନୀତି ମଧ୍ୟ ଜେଣ୍ଟଲ୍‌ମ୍ୟାନ୍‌ଙ୍କ ଖେଳ। ଏହାକୁ ରାହୁଲ ଗାନ୍ଧି ପୁଣିଥରେ ସାବ୍ୟସ୍ତ କରି ଦେଖାଇଛନ୍ତି।
**-ସକୀଲ୍ ଅଖ୍ତର୍, ସାମ୍ବାଦିକ**
@shakeelNBT



ଜରୁରୀ ପରିସ୍ଥିତି ଘୋଷଣା କରିଥିବାରୁ ଇନ୍ଦିରା ଗାନ୍ଧି ଦେଶବାସୀଙ୍କୁ କ୍ଷମା ମାଗିଥିଲେ। କ'ଣ ଏଇ ୨୫ ବର୍ଷ ମଧ୍ୟରେ ଏଲ୍‌କେ ଆଡଭାନୀଙ୍କ ମୁହଁରୁ କେବେହେଲେ ବାବ୍ରି ଘଟଣାରେ କେହି ଏପରି ଶବ୍ଦ ଶୁଣିଛନ୍ତି ?
**-ନିଖିଲ ୱାଗଲେ, ସାମ୍ବାଦିକ**
@waglenikhil



ରାହୁଲ ଗାନ୍ଧି ଅଯୋଧ୍ୟାରେ ରାମ ମନ୍ଦିରକୁ ବିରୋଧ କରିବା ପାଇଁ ଓୱେସି ଓ ଗିଲାନିଙ୍କ ସହ ହାତ ମିଳାଇଛନ୍ତି। ରାହୁଲ ବାବର ଭକ୍ତ ଏବଂ ଖିଲଜୀଙ୍କ ସମ୍ପର୍କୀୟ। ବାବର ରାମ ମନ୍ଦିର ଧ୍ୱଂସ କରିଥିଲେ ଏବଂ ଖିଲଜୀ ସୋମନାଥ ମନ୍ଦିର ଲୁଣ୍ଠନ କରିଥିଲେ।
**-ଜିଭିଏଲ୍ ନରସିମ୍ହା ରାଓ, ବିଜେପି ମୁଖପାତ୍ର**
@GVLNRAO



ଆଜି ଯଦି ଆପଣ ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମସ୍ଥାନ ସୁଆଣ୍ଡୋ ଗାଁକୁ ଯାଇ ସେହି ମହାତ୍ମାଙ୍କ ଘର ଦେଖିବେ, ଜାଣିବେ ଆମ ଜାତି, ସରକାର ଏହି ମହାପୁରୁଷଙ୍କ ଘରକୁ କିପରି ଦୟନୀୟ ସ୍ଥିତିରେ ରଖିଛନ୍ତି। ଧନ୍ୟ ଆମେ, ଅନନ୍ୟ ଆମେ।
**-ପ୍ରସନ୍ନ ମିଶ୍ର, ପ୍ରାକ୍ତନ ପ୍ରଶାସକ** @prasanna1942



ରାଜ୍ୟ ସରକାର କାହିଁକି କଳିଙ୍ଗନଗରସ୍ଥିତ ବ୍ରାହ୍ମଣୀ ନଦୀ ଉପରେ ବ୍ରିଜ୍ ନିର୍ମାଣ କରୁନାହାନ୍ତି। ଏଠାରେ ବ୍ରିଜ ନିର୍ମାଣ ପାଇଁ ଲୋକମାନେ ଦୀର୍ଘଦିନ ହେଲା ଦାବି କରି ଆସୁଛନ୍ତି।
**-ବିଶ୍ୱଜିତ୍ ମହାନ୍ତି, ସାମାଜିକ କର୍ମୀ**
@biswajitmohanty



୨୦୧୯ ନିର୍ବାଚନ ସହ ସୁନି ୱାକ୍‌ଫ ବୋର୍ଡର ସମ୍ପର୍କ କ'ଣ ? କପିଲ ଶିବଲ କଂଗ୍ରେସର ମତକୁ ବୋର୍ଡର ମତ ବୋଲି କହି ନିଜର ଅସଲ ଚେହେରାକୁ ଧରାପକାଇ ଦେଇଛନ୍ତି।
**-ସମ୍ବିତ ପାତ୍ର, ବିଜେପି ମୁଖପାତ୍ର**
@sambitswaraj

## ମୋ ମତରେ

### ଦୁର୍ନୀତିକୁ ପ୍ରଶ୍ରୟ ଦେଲା କିଏ



**ଦିଗମ୍ବର ମହାପାତ୍ର, ପୂର୍ବତନ ବ୍ୟାଙ୍କ କର୍ମଚାରୀ**

ବିଜେଡି ଲୋକଙ୍କ ହୃଦୟ ଜିତି ଦୀର୍ଘ ୧୮ ବର୍ଷ କାଳ ଓଡ଼ିଶାରେ ଶାସନ କରୁଛି। ଏଥିମଧ୍ୟରୁ ପାଖାପାଖି ୯ ବର୍ଷ ବିଜେପି ସହ ମିଶି ଓଡ଼ିଶାରେ କ୍ଷମତା ଦଖଲ କରିଛି ବିଜେଡି। ଏହାର କାରଣ ହେଉଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଏବଂ ନିର୍ମଳ ଭାବମୂର୍ତ୍ତି। ଶାସନର ପ୍ରଥମ ଦୁଇବର୍ଷ ନବୀନ ପଟ୍ଟନାୟକ ରାଜନୀତିରେ ନୂଆକରି ପାଦ ଦେଇଥିବାରୁ ଦୁର୍ନୀତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେଇ ଲୋକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇବାରେ ସକ୍ଷମ ହୋଇଥିଲେ। ସେ ବିଜେଡିର କିଛି ପ୍ରତିଷ୍ଠାତାଙ୍କୁ ଦଳ ତଥା ମନ୍ତ୍ରିମଣ୍ଡଳରୁ ବାଦ ଦେଇ ନୂଆକରି ବିଧାୟକ ହୋଇଥିବା ଯୁବକମାନଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିଥିଲେ। ଏମାନଙ୍କର ଶାସନ କରିବାର ଦକ୍ଷତା ନଥିବାରୁ ପ୍ରଶାସନିକ ଅଧିକାରୀମାନଙ୍କ ଉପରେ ଅଧିକ ନିର୍ଭରଶୀଳ ହୋଇପଡ଼ିଲେ। ଏପରି କରି ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ବଜାୟ ରହିଲା। କିନ୍ତୁ ବିଧାୟକମାନଙ୍କ କ୍ଷମତା ହ୍ରାସ ପାଇଲା। ଫଳରେ ପ୍ରଶାସନିକ ଅଧିକାରୀମାନେ ହୋଇଗଲେ ଅଧିକ କ୍ଷମତାଶାଳୀ। ଏହାର ଫାଇଦା ନେଇ ସରକାରୀ ବାବୁମାନେ ଅଧିକ ଦୁର୍ନୀତିଗ୍ରସ୍ତ ହେଲେ ଏବଂ ଲାଞ୍ଚ ବିନା କୌଣସି କାର୍ଯ୍ୟ କଲେନାହିଁ। ରାଜସ୍ୱ ବୃଦ୍ଧି କେମିତି ହେବ ସେ ଯୋଜନା ନକରି ରାଜ୍ୟ ସରକାର କେନ୍ଦ୍ରକୁ ସର୍ବଦା ଦୋଷ ଦେଇ ଚାଲିଲେ। କେନ୍ଦ୍ର ଯୋଜନାକୁ ନିଜର କହି ପ୍ରଚାର କରିବାରେ ଲାଗିଲେ।




ରାହୁଲ ଗାନ୍ଧି କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେବା ଘଟଣାକୁ ନେଇ ସତୀଶ ଆଚାର୍ଯ୍ୟଙ୍କ ବ୍ୟଙ୍ଗଚିତ୍ର । ସୌଜନ୍ୟ: ଫେସ୍‌ବୁକ୍

## ଖୋଲାମଞ୍ଚ



### ମନୋରଞ୍ଜନଧର୍ମୀ ଚ୍ୟାନେଲ୍‌ରେ ବିଜ୍ଞାପନ ଦେବା ଜରୁରୀ

**ବିମଳ ପ୍ରସାଦ, ସମୀକ୍ଷକ**

ଆସନ୍ତାକାଲିଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହୋଇଯିବ। ଏନେଇ ପ୍ରଶାସନ ପକ୍ଷରୁ ଘନଘନ ମିଟିଂ ବସୁଛି। କିନ୍ତୁ ଏବେ ବି ଟେଲିଭିଜନ୍ ମାଧ୍ୟମକୁ ପ୍ରଚାରରେ ନିୟୋଜିତ କରାଯାଇନାହିଁ। ଯଦି ଟେଲିଭିଜନ୍‌ରେ ଘନଘନ ପ୍ରଚାର ହେବ, ତା'ହେଲେ ରାଜ୍ୟର ୬୦ ଲକ୍ଷ କୃଷିଜୀବୀ ପରିବାର ପାଖରେ ବର୍ଷାର ଖବର ଆଗୁଆ ପହଞ୍ଚି ପାରିବ। ରାଜ୍ୟର ୫୦ ଲକ୍ଷ ଟିଭି ଦର୍ଶକ ପରିବାର ପାଖରେ ଖବର ପହଞ୍ଚାଇବା ପାଇଁ ନ୍ୟୁଜ୍ ଚ୍ୟାନେଲ୍ ସମେତ ମନୋରଞ୍ଜନଧର୍ମୀ ଚ୍ୟାନେଲରେ ମଧ୍ୟ ବିଜ୍ଞାପନ ପ୍ରଚାର ଜରୁରୀ। କାରଣ ୪୦ ଲକ୍ଷ ଟିଭି ସେଟ୍‌ରେ କେବଳ କିଛି ମନୋରଞ୍ଜନଧର୍ମୀ ଚ୍ୟାନେଲକୁ ସେହି ପରିବାରର ଲୋକମାନେ ଦେଖୁଛନ୍ତି ଦିନରାତି। ତେଣୁ ଲୋକପ୍ରିୟ କାର୍ଯ୍ୟକ୍ରମରେ ବିଜ୍ଞାପନ ବିରତିରେ ଜରୁରି ଧାନକଟା ନେଇ ବିଜ୍ଞାପନ ପ୍ରସାରଣର ଆବଶ୍ୟକତା ରହିଥିବା ମନେହେଉଛି। ମ୍ୟାଲେସିଆ, ଇଣ୍ଡୋନେସିଆ, ଥାଇଲ୍ୟାଣ୍ଡ ଓ ସୁମାତ୍ରା ଭଳି ଦେଶରେ ଏଭଳି ବର୍ଷା ଏବଂ ବାତ୍ୟା ବିପର୍ଯ୍ୟୟକୁ ମୁକାବିଲା କରିବାକୁ ସାମୂହିକ ଧାନକଟା ହେବାର ନଜିର ରହିଛି। କିନ୍ତୁ ଓଡ଼ିଶାର ବିପର୍ଯ୍ୟୟ ପ୍ରଶମନ ବିଭାଗ ଶୋଇଛି। ଏ ବିଭାଗ କେବଳ ଉଦ୍ଧାର କାର୍ଯ୍ୟରେ ବିଶ୍ୱାସ କରେ। ପ୍ରତିଷେଧକ ଓ ସଚେତନତା ତଥା ବାର୍ତ୍ତା ପ୍ରଚାରରେ ନୁହେଁ। ସେଭଳି ସୂଚନା ଓ ଲୋକସମ୍ପର୍କ ବିଭାଗର କାମ ବି କ'ଣ କେହି କହିପାରିବେ ନାହିଁ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ବି ତଦ୍ରୂପ। ବଡ଼ ବିଚିତ୍ର ଏ ରାଜ୍ୟ।

## ଓପିନିଅନ୍ ପୋଲ୍

**ଆଜିର ପ୍ରଶ୍ନ**

**ସଂସଦ ଓ ବିଧାନସଭାରେ କିନ୍ନରଙ୍କ ପାଇଁ ଆସନ ସଂରକ୍ଷଣ ଜରୁରୀ କି ?**

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ।

**ଗତ ଥରର ପ୍ରଶ୍ନ:**
*ରାହୁଲ୍ ଗାନ୍ଧି କଂଗ୍ରେସର ଅଧ୍ୟକ୍ଷ ହେବା ପରେ ଓଡ଼ିଶା କଂଗ୍ରେସର ଭାଗ୍ୟ ବଦଳିବ କି ?*

*(ଉତ୍ତର)*




**ସୋଶାଲ୍ ମିଡିଆରେ 'ନିତିଦିନ'**
**SMS and Whatsapp No.: 7504762295**
**Twitter @nitidintoday**
**facebook.com/nitidintoday**
**email: nitidinedit@gmail.com**

## ସୋଶାଲ୍ ମିଡିଆରୁ

### ସ୍ୱତନ୍ତ୍ର ରାଜ୍ୟ କାହିଁକି



ପଶ୍ଚିମ ଓଡ଼ିଶାବାସୀ ସ୍ୱତନ୍ତ୍ର କୋଶଳ ରାଜ୍ୟ ଗଠନ ଦାବିରେ ଆନ୍ଦୋଳନକୁ ଧୀରେଧୀରେ ତୀବ୍ର କରିବାରେ ଲାଗି ପଡ଼ିଛନ୍ତି। କିଛିଦିନ ତଳେ କୋଶଳ ରାଜ୍ୟ ଗଠନ ଦାବିରେ ୨ଟି ଜିଲ୍ଲାରେ ବନ୍ଦ ପାଳନ ମଧ୍ୟ ହୋଇଥିଲା। ହେଲେ ମୁଁ ବୁଝିପାରୁନି ଏଭଳି ସ୍ୱତନ୍ତ୍ର ରାଜ୍ୟର ଆବଶ୍ୟକତା କ'ଣ ? ଆମେ ଓଡ଼ିଆ, ଆମ ଓଡ଼ିଶା। ତା'ପରେ ବି କୋଶଳ ରାଜ୍ୟ କାହିଁକି ? ଆମେ ଓଡ଼ିଆମାନେ ଆମ ସଂସ୍କୃତିକୁ ଭଲ ପାଉଛୁ। ଆମେ ସମ୍ବଲପୁରୀ ଶାଢ଼ିକୁ ଭଲ ପାଉଛୁ। ରଙ୍ଗବତୀ ଗୀତକୁ ନେଇ ଗର୍ବ କରୁଛୁ। ସମ୍ବଲପୁରୀ ସଂସ୍କୃତିକୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାଧାନ୍ୟ ଦିଆଯାଉଛି। ତଥାପି ପଶ୍ଚିମ ଓଡ଼ିଶାକୁ ନେଇ ସ୍ୱତନ୍ତ୍ର ରାଜ୍ୟର ଦାବି କାହିଁକି ? ଆମ ସୁନ୍ଦର ଓଡ଼ିଶାକୁ ଭାଗଭାଗ କରିବାକୁ ଦୟା କରି କେହି ଚେଷ୍ଟା କରନ୍ତୁ ନାହିଁ। କିଛି ବ୍ୟକ୍ତି ନିଜର ଫାଇଦା ହାସଲ ପାଇଁ ଏଭଳି ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାକୁ ଚାହୁଁଛନ୍ତି। ଦୟାକରି ସେମାନଙ୍କ ଫାଶରେ ପଡ଼ନ୍ତୁ ନାହିଁ। ଓଡ଼ିଶାକୁ ସର୍ବଦା ସୁନ୍ଦର ହୋଇ ରହିବାକୁ ଦିଅନ୍ତୁ।

**ସତ୍ୟଜିତ ମହାନ୍ତି**, ପୁରୀ

### ସମ୍ବଲପୁରୀ ୨ୟ ସରକାରୀ ଭାଷା ହେଉ



ସ୍କୁଲ ପିଲାଙ୍କ ଡ୍ରେସ୍ କୋଡ୍ ବଦଳିବ। ସମ୍ବଲପୁରୀ କପଡ଼ା ହେବ ସ୍କୁଲ ଡ୍ରେସ୍ କୋଡ୍। ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରୀଆ ଏହି ସୂଚନା ଦେଇଥିଲେ। ତେବେ କିଛି ଲୋକ ଏଥିପାଇଁ ଖୁସି ବ୍ୟକ୍ତ କରିଥିଲା ବେଳେ ଆଉ କିଛି ଲୋକ ଏହାକୁ ବିରୋଧ ମଧ୍ୟ କରିଛନ୍ତି। ହେଲେ ସ୍କୁଲ ଡ୍ରେସ୍ କୋଡକୁ ସମ୍ବଲପୁରୀ ଢାଞ୍ଚାରେ ତିଆରି କରିବାକୁ ମନ୍ତ୍ରୀ ମହୋଦୟା ମତ ଦେଇ କୌଣସି ଦୟା କରି ନାହାନ୍ତି। ଏପରି ବହୁ ପୂର୍ବରୁ ହେବା କଥା। କାରଣ ସମ୍ବଲପୁରୀ କପଡ଼ା ଓଡ଼ିଶାର ଅନ୍ୟତମ ପରିଚୟ। ବିଦେଶରେ ମଧ୍ୟ ଏହାର ଚାହିଦା ରହିଛି। ତେଣୁ ଏହାକୁ ନ ମାନି କ'ଣ ରାସ୍ତା ଅଛି ? ଯେଉଁମାନେ ଉପକୂଳରେ ରହି ସମ୍ବଲପୁରକୁ ଏତେ ଭଲ ପାଉଛନ୍ତି ବୋଲି କହୁଛନ୍ତି, ସେମାନେ କାହିଁକି ସମ୍ବଲପୁରୀ ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷାର ମାନ୍ୟତା ଦେବାକୁ ଦାବି କରୁନାହାନ୍ତି ? ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ କେବେହେଲେ ସେମାନେ ଦାବି କରିଛନ୍ତି କି ? ସେତେବେଳେ ଭଲ ପାଇବା କୋଉଠି ଥିଲା ?

**ତେଜସ୍କର ମହାପାତ୍ର**, ବଲାଙ୍ଗିର

### ରାହୁଲଙ୍କ ନେତୃତ୍ୱରେ ଦଳ ଶକ୍ତ ହେବ



ଶେଷରେ ଯାହା ଦେଶର ଯୁବଗୋଷ୍ଠୀ ଚାହୁଁଥିଲେ ସେଇଆ ହେଲା। ରାହୁଲ ଗାନ୍ଧି କଂଗ୍ରେସ ଦଳର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। କେବଳ ଘୋଷଣା ହେବାକୁ ବାକି ରହିଛି। ତାଙ୍କ ବଳିଷ୍ଠ ନେତୃତ୍ୱରେ କଂଗ୍ରେସ ପୁଣି ସୁସଂଗଠିତ ହୋଇପାରିବ। କାରଣ ସେ କଂଗ୍ରେସ ଉପ-ସଭାପତି ଥିବା ବେଳେ ଦଳକୁ ତୃଣମୂଳସ୍ତରରେ ସଶକ୍ତ କରିବାରେ ବେଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ସର୍ବଦା ଦଳର ବିକାଶ ପାଇଁ କଠିନ ପରିଶ୍ରମ କରିଛନ୍ତି। ଏବେ ସେ ସଭାପତି ହେବା ପରେ ଏହି ପରିଶ୍ରମ ଆହୁରି ବଢ଼ିବ। ତାଙ୍କ ନେତୃତ୍ୱରେ ଦେଶର ସର୍ବପୁରାତନ ରାଜନୀତିକ ଦଳ ନିଶ୍ଚିତ ଭାବେ ଉଚ୍ଚସ୍ତରରେ ପହଞ୍ଚିବ। କଂଗ୍ରେସ ଦଳରେ ଯିଏ ସର୍ବଦା ନିଜକୁ ଯୋଦ୍ଧା ବୋଲି ପ୍ରତିପାଦନ କରିଛି, ସେ ହେଉଛନ୍ତି ରାହୁଲ ଗାନ୍ଧି। ସେ ସର୍ବଦା ଲୋକଙ୍କ ଦୁଃଖକୁ ବୁଝି ତା'ର ସମାଧାନ ପାଇଁ ଲାଗି ପଡ଼ନ୍ତି। ତାଙ୍କ ନେତୃତ୍ୱରେ କଂଗ୍ରେସ ନିଶ୍ଚିତ ଭାବେ ଗୁଜରାଟ ନିର୍ବାଚନରେ ବିଜୟୀ ହେବ ବୋଲି ମୋର ଆଶା ଓ ବିଶ୍ୱାସ।

**ବାପୁ ସାମଲ**, ଯାଜପୁର

### ଚିକିତ୍ସାକୁ ଅପେକ୍ଷା କାହିଁକି



ସରାଙ୍ଗ ବ୍ରିଜ୍‌ର ସଙ୍ଗିନ ଅବସ୍ଥା। କିନ୍ତୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ପୁଣି ସବୁଠାରୁ ଦୁଃଖଦ ବିଷୟ ହେଉଛି ଶାସନ ବ୍ୟବସ୍ଥାର ସ୍ଥାଣୁତା। ଏହି ବ୍ରିଜ୍ ପାଇଁ ମୁଣ୍ଡ ଗଡ଼ିଲେ ଯାଇ ସରକାରଙ୍କ ତୁଣ୍ଡ ଖୋଲିବ। ଏହାପରେ ବିରୋଧୀ ସରକାରଙ୍କୁ ଗାଳିଦେଇ ମୁଖିଆଙ୍କ ମୁହଁରେ କାଳି ବୋଳି ହୋହଲ୍ଲା କରିବେ। ମୁଣ୍ଡ ଗଡ଼ିବା ପରେ ସରକାର ମାନବିକତା ଦୃଷ୍ଟିରୁ କେବଳ ଶୋକ ପ୍ରକାଶ କରିବେ ଏବଂ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ବାବଦରେ ଲକ୍ଷେ କିମ୍ବା ଦୁଇଲକ୍ଷ ଟଙ୍କାର ନୋଟ୍ ଦେବେ। ତେଣୁ କିଛି ଅଘଟଣକୁ ଅପେକ୍ଷା କରିବା ପରିବର୍ତ୍ତେ ତୁରନ୍ତ ବ୍ରିଜ୍‌ର ମରାମତି କାର୍ଯ୍ୟ ଆରମ୍ଭ କରାଯିବା ଦରକାର। ନଚେତ୍ କେତେବେଳେ କ'ଣ ଘଟିବ ସେ କଥା କିଏ କହିବ ? ତେଣୁ ଚିକିତ୍ସାକୁ ଅପେକ୍ଷା ନକରି ପ୍ରତିକାର ବ୍ୟବସ୍ଥା ଗ୍ରହଣ ସ୍ୱରୂପ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ, ସରାଙ୍ଗ ବ୍ରିଜର ସ୍ଥିତି ସମୀକ୍ଷା କରି ଆସନ୍ତୁ। ନହେଲେ ଆଗକୁ କ'ଣ ହେବ ସେକଥା କିଏ କହିବ ? ବେଳହୁଁ ସାବଧାନ ରହିବା ମୋ ମତରେ ଶ୍ରେୟସ୍କର ହେବ।

**ବିଜୟ କୁମାର ମହାରଣା**, ତାଳଚେର